# ଧାନକିଣା ପ୍ରସଙ୍ଗରେ ସମୀକ୍ଷା ବୈଠକ



**ସିମୁଳିଆ, ୧।୩ (ସମିସ):** ସିମୁଳିଆ ଡାକ ବଙ୍ଗଳା ପରିସରରେ ଓଡିଶା ବିଧାନସଭାର ମୁଖ୍ୟ ସଚେତକଙ୍କ ସହିତ ସିମୁଳିଆ ବିଧାୟକ ଧାନ କିଣା ପ୍ରସଙ୍ଗରେ ଗୁରୁତ୍ୱ ପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ବିଧାନସଭାର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନଙ୍କୁ ସିମୁଳିଆରେ ବିଭିନ୍ନ ସେବା ସମବାୟ ସମିତିରେ ଧାନକିଣା ପ୍ରସଙ୍ଗରେ ଆଲୋଚନା କରିଥିଲେ। ସମିତିରେ କୁଇଣ୍ଟାଲ ପିଛା ୫୦ରୁ ୧୦୦ଟଙ୍କା ଆଦାୟ କରାଯାଇ ମିଲରେ ଧାନ ପକାଯାଉଥିବା ସମ୍ପର୍କ ରେ ଚାଷୀ ମାନେ ଅଭିଯୋଗ କରିଥିଲେ। ଏ ବିଷୟରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟ ସଚେତକ ଶ୍ରୀ ପ୍ରଧାନ ସିମୁଳିଆ ଥାନାଧିକାରୀ ଦେବରାଜ ଜେନାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଧାନ କିଣା ସମୟରେ ଚାଷୀଙ୍କ ଠାରୁ ଟଙ୍କା ଆଦାୟ କରାଯାଉଥିବା ସମ୍ପର୍କରେ ବାଲେଶ୍ୱର ଜିଲ୍ଲାପାଳ, ଡିଆରସିଏସଙ୍କୁ ଫୋନ ଯୋଗେ ଅବଗତ କରାଇ କାର୍ଯ୍ୟାନୁଷ୍ଠାନ ନେବାକୁ ପରାମର୍ଶ ଦେଇଥିଲେ। ଉକ୍ତ ସମୀକ୍ଷା ବୈଠକରେ ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ, ପୂର୍ବତନ ସରପଞ୍ଚ ରାଧାରମଣ ପଟ୍ଟନାୟକ, ସାହିତ୍ୟିକ ଲକ୍ଷ୍ମୀଧର ମହାନ୍ତି, ୪୦ନମ୍ବର ଜୋନର ମଣ୍ଡଳ ସଭାପତି ଅବିନାଶ ବେହେରା, ଜିଲ୍ଲା ସମ୍ପାଦିକା ଭାରତୀ ମଲ୍ଲିକ, ଯୁବ ନେତା ନିରଞ୍ଜନ ନାୟକ, ସିମୁଳିଆ ଥାନାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲେଶ୍ୱର ସହରରେ ମାଳ ମାଳ ଅସୁରକ୍ଷିତ ହୋର୍ଡିଂ

ବାଲେଶ୍ୱର,୧।୩(ସମିସ)



କିଛିଦିନ ତଳେ ରାଜଧାନୀ ଭୁବନେଶ୍ୱରରେ ହୋର୍ଡିଂ ଭୁଶୁଡ଼ି ଯିବାରୁ ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା। ତେବେ ବାଲେଶ୍ୱର ସହରରେ ରହିଥିବା ଅସୁରକ୍ଷିତ ହୋର୍ଡିଂକୁ ନେଇ ସହରବାସୀଙ୍କ ଚିନ୍ତା ବଢ଼ିଯାଇଛି। କେଉଁ ସମୟରେ ଅଘଟଣ ଯେ ନ ଘଟିବ ତାହା କହି ହେବ ନାହିଁ। ସେଥିପାଇଁ ବାଲେଶ୍ୱର ପୌରପାଳିକା ସଜାଗ ହେବା ସହ ଏବେ ଠାରୁ କାର୍ଯ୍ୟପନ୍ଥା ଗ୍ରହଣ କରିବା ପାଇଁ ସହରବାସୀ ଦାବି କରିଛନ୍ତି।

ବାଲେଶ୍ୱର ସହର ଭିତରକୁ ପଶିଲେ ରାସ୍ତାର କଡରେ ବିଭିନ୍ନ ବ୍ୟବସାୟ ସଂସ୍ଥାମାନଙ୍କର ବଡ ବଡ ହୋର୍ଡିଂ ଲାଗିଥିବା ଦେଖିବାକୁ ମିଳିଥାଏ। ଏହାଦ୍ୱାରା ପୌରସଂସ୍ଥାକୁ ରାଜସ୍ୱ ମଧ୍ୟ ମିଳିଥାଏ। ସାଧାରଣ ଲୋକମାନେ ଯିବା ଆସିବା ସମୟରେ ଏଗୁଡିକୁ ଦେଖିବା ପାଇଁ କିଛି ସମୟ ସେଠାରେ ଅଟକି ଯାଆନ୍ତି। ତେବେ କେତେକ ସ୍ଥାନରେ ଲାଗିଥିବା ହୋର୍ଡିଂ ଦ୍ୱାରା ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି। ଯେମିତି ବିଦ୍ୟୁତ ଷ୍ଟ୍ରକଚରର ଅତି ପାଖରେ ହୋର୍ଡିଂ ଲଗାଯାଇଥିବା ବେଳେ କୌଣସି କାରଣରୁ ଅଘଟଣ ଘଟିଲେ ଜନଜୀବନ ପ୍ରଭାବିତ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ। ସେହିପରି କେତେକ ସ୍ଥାନରେ ବଡବଡ ହୋର୍ଡିଂର ପଛପଟେ ଲମ୍ବା ଲମ୍ବା ଷ୍ଟାଣ୍ଡ ରାସ୍ତାକୁ ମାଡି ଆସିଛି। ଏହାଛଡା ଅଧିକାଂଶ ସ୍ଥାନରେ ହୋର୍ଡିଂ ଗୁଡ଼ିକ ବିଦ୍ୟୁତ ଖୁଣ୍ଟିକୁ ଲାଗି ରହୁଥିବା କାରଣରୁ ଯଦି କୌଣସି ସମୟରେ ସଟ ସର୍କିଟ ହୁଏ ତେବେ ଏଥିପାଇଁ ସହରବାସୀ କାହାକୁ ଦାୟୀ କରିବେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ଆଗୁଆ ସଜାଗ ରହୁ ପୌରପାଳିକା**

ଅନ୍ୟପଟେ ଆଗକୁ ଆସୁଛି ଗ୍ରୀଷ୍ମଋତୁ। ଏହି ସମୟରେ କାଳ ବୈଶାଖି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଯେମିତି କାହାରି କୌଣସି ପ୍ରକାର କ୍ଷତି ନ ହୁଏ ସେଥିପାଇଁ ପୌରପାଳିକ। କାଉନସିଲର, ବିଜ୍ଞାପନ ଏଜେନସିର କର୍ତ୍ତୃପକ୍ଷଙ୍କୁ ନେଇ ଆଲୋଚନା ମାଧ୍ୟମରେ ପଦକ୍ଷେପ ନେବା ପାଇଁ ସହରବାସୀ ଓ କାଉନସିଲରଦାବିକରିଛନ୍ତି। ପୌରପରିଷଦ ପକ୍ଷରୁ ସହର ଭିତରେ୨୯୪ଟି ହୋର୍ଡିଂ ଲଗାଇବା ଲାଗି ଅନୁମତି ଦିଆଯାଇଛି। ପୌରପରିଷଦ ଏହି ହୋର୍ଡିଂରୁ ଅର୍ଥ ପାଉଥିବା ବେଳେ ସେମାନେ ଯେଉଁଠାରେ ଲୋକମାନଙ୍କ ପ୍ରତି କୌଣସି ଅସୁବିଧା ସୃଷ୍ଟି ନହେବ ସେ ଦିଗରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ବିଭିନ୍ନ ରାଜନୈତିକ ଦଳ ହେଉ କିମ୍ବା ଅନ୍ୟମାନେ ବିଭିନ୍ନ ସ୍ଥାନରେ ହୋର୍ଡିଂ ଲଗାଉଛନ୍ତି ତାକୁ ପୌରପରିଷଦ କିଛି କହୁ ନାହିଁ। ଏଣୁ ପ୍ରଥମେ ଜୀବନ ପରେ ହୋର୍ଡିଂ। ଏହାକୁ ଯଦି ପୌରପରିଷଦ ଧ୍ୟାନ ନଦେବ ତେବେ ଆଗାମୀ ଦିନରେ ଭୁବନେଶ୍ୱର ଭଳି ବାଲେଶ୍ୱରରେ ଅଘଟଣ ଘଟିବାର ଅଧିକ ଆଶଙ୍କା ରହିଛି । ଏ ନେଇ ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁ କହିଛନ୍ତି ଯେ, ଭୁବନେଶ୍ୱର ଭଳି ବାଲେଶ୍ୱରରେ ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ପୌରପରିଷଦ ଅଧିକ ଯତ୍ନବାନ ରହିଛି। ବିଶେଷ କରି ସହରରେ ଯେଉଁଠାରେ ଏଭଳି ଅଭିଯୋଗ ଆସୁଛି ସେଠାରେ ତୁରନ୍ତ ହୋର୍ଡିଂ ଗୁଡିକୁ କଢ଼ାଯାଉଛି। ଏହାଛଡା ପୌରପରିଷଦର ଯେଉଁ ଗୁଡିକ ନିୟମ ମଧ୍ୟରେ ରହିଛି ସେ ଗୁଡିକୁ ନିୟମ ଅନୁସାରେ କରାଯାଉଛି। ଏହାବ୍ୟତିତ ଯେଉଁ ହୋର୍ଡିଂ ଗୁଡିକ ବାଉଁଶରେ ଲଗାଯାଉଛି ତାହାକୁ ମଧ୍ୟ ନଜର ରଖାଯାଉଛି ଏବଂ ଆବଶ୍ୟକ ବେଳେ ତାହାକୁ ମଧ୍ୟ କଢ଼ା ଯାଉଛି ।

ତେବେ ଅସୁରକ୍ଷିତ ଅବସ୍ଥାରେ ଥିବା ହୋର୍ଡିଂ ଗୁଡିକୁ ବାହାର କରି ନିଆଯାଇଛି। ଛାତ ଉପରେ କିମ୍ବା ରାସ୍ତାକୁ ମାଡିଯାଇଥିବା ହୋର୍ଡିଂ ସମ୍ପର୍କରେ ରିପୋର୍ଟ ଦେବା ପାଇଁ ଟ୍ୟାକ୍ସ କଲେକଟରମାନଙ୍କୁ କୁହାଯାଇଛି ଏବଂ ଆଡଭାଟାଇଜ ଏଜେନ୍ସି ଓ ଏନଫୋର୍ସମେଂଟ ଟିମ ଏ ସମ୍ପର୍କରେ ତଦାରଖ କରୁଛନ୍ତି। ଏହାର ରିପୋର୍ଟ ଆସିବା ପରେ ନିଶ୍ଚିତ ଭାବେ ବେଆଇନ ହୋର୍ଡିଂ ଗୁଡିକୁ ଉଚ୍ଛେଦ କରାଯିବ ବୋଲି ଅଧିକାରୀ କହିଛନ୍ତି। ସବୁଠାରୁ ବଡ କଥା ହେଲା ଭୁବନେଶ୍ୱର ଘଟଣା ପରେ ଏବେ ବାଲେଶ୍ୱର ପୌରପାଳିକାର ଚିନ୍ତା ବଢିଛି। ତେବେ ସେ ଯାହା ହେଉନା କାହିଁକି ଆଗାମୀ ଦିନରେ କୌଣସି ଅଘଟଣ ନ ହୁଏ ସେଥିପାଇଁ ପୌରପରିଷଦ ଗୁରୁତ୍ୱ ସାଧାରଣରେ ଦେବାକୁ ଦାବି ହୋଇଛି। ଏ ନେଇ ସହରବାସୀ ଗିରିଜା ଶଙ୍କର ଦାସ କହିଛନ୍ତି ଯେ, ବାଲେଶ୍ୱରରେ ବେଆଇନ ହୋର୍ଡିଂ ଉପରେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି। ବିଶେଷ କରି ଶୁଭେଚ୍ଛା ବାର୍ତ୍ତା ସହ ବାଉଁଶରେ ଗେଟ କରି ଲଗାଯାଉଥିବା ହୋର୍ଡିଂ ଉପରେ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି।

# ଦୁଇଦିନିଆ ଅଣକ୍ୟାଡର ପ୍ରସିକ୍ୟୁଟର ପ୍ରଶିକ୍ଷଣ



**ବାଲେଶ୍ୱର,୧।୩ (ସମିସ):** ଆଇନ ବିଭାଗ ଓ ପବ୍ଲିକ୍ ପ୍ରସିକ୍ୟୁସନ୍ ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ବାଲେଶ୍ୱର କଲେକ୍ଟରେଟ୍ ସ୍ଥିତ କନଫରେନ୍ସ ହଲ୍‌ରେ ଅଣକ୍ୟାଡର ପବ୍ଲିକ୍ ପ୍ରସିକ୍ୟୁଟରମାନଙ୍କ ପାଇଁ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ କଟକ, ଗଞ୍ଜାମ, ସମ୍ବଲପୁର, ବାଲେଶ୍ୱର, ପୁରୀ, କୋରାପୁଟ ଓ ଅନୁଗୁଳ ଜିଲ୍ଲାରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ବାଲେଶ୍ୱର ଜିଲ୍ଲା ପବ୍ଲିକ୍ ପ୍ରସିକ୍ୟୁସନ୍‌ର ଉପନିର୍ଦ୍ଦେଶକ ଦୀପ୍ତିରଞ୍ଜନ ଷେଣ୍ଠଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ପ୍ରଫେସର ଚିନ୍ତାମଣି ରାଉତ, ପ୍ରଫେସର ଡ଼. ସର୍ବେଶ୍ୱର ସାହୁ ଓ ଦୀପ୍ତିରଞ୍ଜନ ଷେଣ୍ଠ ପୁରୁଣା ଓ ନୂତନ ଫୌଜଦାରୀ ଆଇନ ସହ ପବ୍ଲିକ୍ ପ୍ରସିକ୍ୟୁସନ୍‌ର ଭୂମିକା ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିନରେ ବାଲେଶ୍ୱର ଜିଲ୍ଲା ଜଜ୍ ସତ୍ୟନାରାୟଣ ମିଶ୍ର, ପ୍ରଫେସର ଡ଼. ସତ୍ୟସାଇ ପଣ୍ଡା (ଭୀମସାର, ବୁର୍ଲା), ବରିଷ୍ଠ ଆଇନଜୀବୀ ରଘୁନାଥ ପ୍ରଧାନ ଓ ପବ୍ଲିକ୍ ପ୍ରସିକ୍ୟୁଟର ଗଞ୍ଜନ ସର୍ବର ଉପସ୍ଥିତ ରହି ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସେମାନେ କେଉଁ କାର୍ଯ୍ୟ ଅପରାଧ, ତାହାର ଦଣ୍ଡ, ଆଇନ ଓ ମାମଲା କିପରି ଆଦାଲତରେ ଅଗ୍ରସର ହୁଏ ସେ ବିଷୟରେ ମଧ୍ୟ ବିସ୍ତୃତ ଅଲୋଚନା କରିଥିଲେ। ଏଥିସହ ନୂତନ ଭାବେ ନିଯୁକ୍ତ ପବ୍ଲିକ୍ ପ୍ରସିକ୍ୟୁଟରମାନଙ୍କୁ ତାଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପର୍କରେ ସ୍ୱଷ୍ଟ ଧାରଣା ଦିଆଯାଇଥିଲା। ପ୍ରଶିକ୍ଷଣର ଶେଷ ଦିନରେ ଏହି ତାଲିମ ଶିବିରରୁ ଅଧିକ ଜ୍ଞାନ ଆହରଣ କରିବା ପାଇଁ ପରାମର୍ଶ ଦେଇ ଆଗାମୀ ଦିନରେ ନିୟମିତ ଅନ୍ତରାଳରେ ଏପରି ପ୍ରଶିକ୍ଷଣ ବ୍ୟବସ୍ଥା କରାଯିବ ବୋଲି କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଣୀ ସସ୍ମିତା, ଯୀଶୁରାମ ବେହେରା, ଦୀପ୍ତି ହସଦା, ସତ୍ୟବ୍ରତ ବେହେରା, ନବୀନ କୁମାର ପାତ୍ର, ମନ୍ମଥ ଲେଙ୍କା, ଗୁରୁ ପ୍ରସାଦ ବେହେରା ସହଯୋଗ କରିଥିବା ବେଳେ ଆଇନଜୀବୀ ବୈଲୋଚନ ଦାସ, ରାଇମୋହନ ପଟ୍ଟନାୟକ, ବସନ୍ତ ପ୍ରଧାନ, ସତ୍ୟଜିତ ମିଶ୍ର, ଜୟନ୍ତ ସାହୁ, ସଞ୍ଜୟ ମହାନ୍ତି, ପ୍ରଶାନ୍ତି ପଣ୍ଡା, କିରଣ ରଣା, ସୁମନ୍ତ ମହାପାତ୍ର, ସୌମ୍ୟ କର, ସଞ୍ଜୀବ ନାୟକ ଓ ଅକ୍ଷୟ ବିଶ୍ୱାଳ ପ୍ରମୁଖଙ୍କ ସହ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ।

# ବେଆଇନ ବାଲିଖାଦାନରେ ଚଢ଼ଉ, ଟ୍ରାକ୍ଟର ଜବତ

**ରାଜଘାଟ, ୧।୩ (ସମିସ):** ବସ୍ତା ତହସିଲ ଅନ୍ତର୍ଗତ ଧିତପୁରା ହନୁମାନ ମନ୍ଦିର ନିକଟରେ ସୁବର୍ଣ୍ଣରେଖା ନଦୀରେ ଥିବା ବେଆଇନ ବାଲି ଖାଦାନରୁ ଦୀର୍ଘଦିନ ହେବ ମାଫିଆ ମାନେ ବାଲି ଚୋରା ଚାଲାଣ କରୁଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଆସୁଥିଲେ। ସ୍ଥାନୀୟ ନେତା ଓ ସ୍ଥାନୀୟ ଖଣିଅଧିକାରୀଙ୍କୁ ହାତବାରିସ କରି ମାଫିଆ ମାନେ ବାଲି ଉତ୍ତୋଳନ କରି ପଡୋଶୀ ପଶ୍ଚିମବଙ୍ଗକୁ ଚଢ଼ା ଦରରେ ଚାଲାଣ କରି ଆସୁଥିଲେ। ଆଜି ଅମର୍ଦା ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକ ସକାଳ ୮ଟାରେ ଘଟଣାସ୍ଥଳରେ ପହଞ୍ଚି ଗୋଟିଏ ନମ୍ବର ବିହୀନ ବାଲି ବୋଝେଇ ଟ୍ରାକ୍ଟର ଜବତ କରି ଅଧିକ ତଦନ୍ତ ଜାରିରଖିଛନ୍ତି। ଟ୍ରାକ୍ଟରଟି ଫାଣ୍ଡିରେ ଅଟକ ଥିବା ବେଳେ ଡ୍ରାଇଭର ଜଣକ ଖସି ଯାଇଛନ୍ତି। ମାଫିଆ ମାନେ ସୁବର୍ଣ୍ଣରେଖା ନଦୀରୁ ବେଧଡକ ବାଲି ଉଠାଉ ଥିବାରୁ ଏହି ନଦୀ ଏବେ ୪/୫ ଟି ଗ୍ରାମ ପାଇଁ ବିପଦ ସାଜିଛି।

# ଜାତୀୟ ଏଚ୍‌ପିଭି ଟୀକାକରଣ ଅଭିଯାନ ଶୁଭାରମ୍ଭ



**ବାଲେଶ୍ୱର,୧।୩(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜାତୀୟ ଏଚ୍ ପି ଭି ଟୀକାକରଣ ଅଭିଯାନ ଉପଲକ୍ଷେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟ ଅନ୍ତର୍ଗତ ଚକ୍ଷୁ ବିଭାଗ ନିମ୍ନରେ ଥିବା ଇଏନ୍‌ଟି କକ୍ଷରେ ଉଦଘାଟନୀ ଉତ୍ସବ ଓ ସଚେତନତା ସଭା ଆୟୋଜିତ ହୋଇଥିଲା। ଉକ୍ତ ସଭା ନାରାୟଣ ଚନ୍ଦ୍ର ପ୍ରଧାନ (ଅଧ୍ୟକ୍ଷ ଜିଲ୍ଲା ପରିଷଦ) ପ୍ରଭାତ କୁମାର ବେହେରା(ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ), ଡ଼ାକ୍ତର ପରେଶ ନନ୍ଦୀ(ସହକାରୀ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ପରିବାର ନିୟୋଜନ), ଡ଼ାକ୍ତର ସଞ୍ଜୀବ ପ୍ରଧାନ (ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟଅଧିକାରୀ କୁଷ୍ଠ), ଚକ୍ରଧର ଜେନା (ଡି ପି ଏମ), ଜିତେନ୍ଦ୍ର ବିଶ୍ୱାଳ (ଡି ଏମ ଆର ସି ଏଚ), ରଞ୍ଜନ କୁମାର ମହନ୍ତ (ଡି ଭି ଏଲ ଏମ), ସଚ୍ଚିଦାନନ୍ଦ ପାଢ଼ୀ(ଡାକ୍ତରଖାନା ପରିଚାଳକ), ବିଶ୍ୱ ରଞ୍ଜନ ନାୟକ(ଡି ପି ସି ଯକ୍ଷ୍ମା), ମନୋଜ କୁମାର ଦାସ, ରଞ୍ଜିତା ରାଣୀ ସାହୁ, ନୀଳାଦ୍ରି ଜେନା, ଭବାନୀ ଶଙ୍କର ମହନ୍ତ, ଦେବାଶିଷ ପ୍ରଧାନ ସହିତ ଆଶା ଦିଦି ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଦୀର୍ଘ ତିନି ମାସ ଧରି ଚାଲୁ ରହିବ। ପ୍ରଥମ ମାସ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ଏବଂ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ପରବର୍ତ୍ତୀ ଦୁଇ ମାସ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମାନଙ୍କରେ ଟୀକାକରଣ ହେବ। ଏହା ମୁଖ୍ୟତଃ ଝିଅ ପିଲା ଯେଉଁ ମାନେ ୧୪ ତମ ଜନ୍ମ ଦିବସ ପାଳନ ପରେ ମାତ୍ର ୧୫ ତମ ଜନ୍ମ ଦିବସ ପାଳନ ହୋଇ ନ ଥିବ ସେହିମାନେ ଟୀକା ନେଇପାରିବେ। ଏହା ମୁଖ୍ୟତଃ ଗୋଟିଏ ମାତ୍ରା ଦିଆଯିବ। ଯୌନ ସଂପର୍କ ପୂର୍ବରୁ ଏହି ଟୀକା ନେଲେ ଜରାୟୁ ଗ୍ରିବା କର୍କଟ ରୋଗରୁ ସୁରକ୍ଷା ଅଧିକ ଫଳପ୍ରଦ ହେବ। ଏବେ ଗାଡାସିଲ ୪ (୬ ୧୧ ୧୬ ୧୮) ଟୀକା ଦିଆଯାଉଛି। ସମଗ୍ର ବାଲେଶ୍ୱର ଜିଲ୍ଲାରେ ଏହି ତିନି ମାସ ମଧ୍ୟରେ ୨୫୭୩୪ ଜଣଙ୍କୁ ଟୀକାକରଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ଆଜି ଉଦଘାଟନୀ ଉତ୍ସବରେ ୩୦ ଜଣଙ୍କୁ ସଫଳତାର ସହିତ ଟୀକାକରଣ ସହିତ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ସାହୁ (ଭାରପ୍ରାପ୍ତ ଜିଲ୍ଲା ଯୋଗାଯୋଗ ଅଧିକାରୀ)ଙ୍କ ପରିଚାଳନାରେ ହୋଇଥିଲା। ଜିତେନ୍ଦ୍ର ବିଶ୍ୱାଳ (ଡି ଏମ ଆର୍ ସି ଏଚ) ଧନ୍ୟବାଦ ଅର୍ପଣ ଦେଇଥିଲେ।

# ନରହରିପୁର ଗ୍ରାମୀଣ କ୍ରିକେଟ ଫେଷ୍ଟିଭାଲ ଉଦ୍‌ଯାପିତ

**ରେମୁଣା,୧।୩ (ସମିସ):** ରେମୁଣା ଏନଏସି ଅନ୍ତର୍ଗତ ୮ ନମ୍ବର ୱାର୍ଡ ନରହରିପୁରଠାରେ ହେବାକୁ ଥିବା ନରହରିପୁର ଗ୍ରାମୀଣ କ୍ରିକେଟ ଫେଷ୍ଟିଭାଲ ନରହରିପୁର ପଡିଆରେ ଉଦଯାପିତ ହୋଇଯାଇଛି। ଏହି କ୍ରିକେଟ



ଟୁର୍ଣ୍ଣାମେଣ୍ଟ ସୋମନାଥପୁର ସ୍ପୋର୍ଟିଂ, କ୍ଷୀରୋଚରା ନାଇଟ୍ ରାଇଡର, ନରହରିପୁର ସୁପର କିଙ୍ଗ, ଆରମଳା ପଞ୍ଚାୟତ, ସୁତେଇ ବଡଗାଁ ସ୍ପୋର୍ଟିଂ, ବିରୁଆ ପଞ୍ଚାୟତର ୬ ଟିମର ସଦସ୍ୟ ମାନେ ଅଂଶ ଗ୍ରହଣ କରିଥିଲେ। ୧୮/୨/୨୬ ରୁ ୧/୩/୨୬ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଆଜି ନରହରିପୁର ସୁପର କିଙ୍ଗ ଏବଂ ସୁତେଇ ବଡଗାଁ ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ଥିଲା। ଏହି ଫାଇନାଲରେ ନରହରିପୁର ସୁପର କିଙ୍ଗ ବିଜେତା ହେଇଛନ୍ତି। ମୁଖ୍ୟଅତିଥିଭାବେ ରେମୁଣା ଏନଏସିର ଅଧ୍ୟକ୍ଷା ତନୁଜା ଗିରି ବିଜେତା ଟିମଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ୮ ନମ୍ବର ୱାର୍ଡ କାଉନସିଲର କୁନ୍ତଳା ତରେଇ, ସଭାପତି ରାମ ନାରାୟଣ ବେହେରା, ଉପସଭାପତି ଅନିରୁଦ୍ଧ ଲେଙ୍କା, ସମ୍ପାଦକ ସଞ୍ଜୟ ଗୋପାଳ ବେହେରା, ସହ ସମ୍ପାଦକ ରବିନାରାୟଣ ପତି, ଯୁଗ୍ମ ସମ୍ପାଦକ ଗୌରଗୋପାଳ ସାହୁ, ସୁତେଇ ସମିତି ସଭ୍ୟ ଗିରିଶ କୁମାର ଦଳେଇ, କାର୍ତ୍ତିକ ଦାସ, ଚୈତନ୍ୟ ମାଝୀ ରତିକାନ୍ତ ଦାସ, ସମସଜସେବୀ ସନ୍ଦୀପ ରାଉତ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ସୁତେଇ ବଡଗାଁ ସ୍ପୋର୍ଟିଂ ଟିମଙ୍କୁ ୧୬୦୦୦ ରାଶି ଏବଂ ନରହରିପୁର ସୁପର କିଙ୍ଗଙ୍କୁ ୧୯୦୦୦ ରାଶି ପ୍ରଦାନ କରିବା ସହିତ ଗୋଟିଏ ସାଇକେଲ ପ୍ରଦାନ କରାଯାଇଥିଲା। ସମସ୍ତ ଟିମ ମେମ୍ବରଙ୍କୁ ମେଡାଲ ଦିଆଯାଇଥିଲା। ସାଗର ଲେଙ୍କା ଧନ୍ୟବାଦ ପ୍ରଦାନ କରିଥିଲେ।

# ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ଜିଲ୍ଲା ଯୋଜନା ବୈଠକ

**ଜଳେଶ୍ୱର, ୧।୩(ସମିସ):** ଆଜି ସ୍ଥାନୀୟ ଜଳେଶ୍ୱର ଷ୍ଟେସନ ବଜାର କାଳୀ ମନ୍ଦିର ସ୍ଥିତ ବୈଠକ ଗୃହରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ଜିଲ୍ଲା ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୧ ଘଟିକାରେ ଏହି ବୈଠକର ପ୍ରଥମ ସତ୍ର ଆରମ୍ଭ ହୋଇଥିଲା। ବିଜେପି ଉତ୍ତର ବାଲେଶ୍ୱର ଜିଲ୍ଲା ସଭାପତି ଡ଼ ପ୍ରଦୀପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦାନ କରିଥଲେ। ରାଜ୍ୟ ପ୍ରବକ୍ତା ଅନୀଲ କୁମାର ବିଶ୍ୱାଳ, ରାଜ୍ୟ ପ୍ରଶିକ୍ଷଣ ସଦସ୍ୟ ତଥା କର୍ମଶାଳା ପର୍ଯ୍ୟବେକ୍ଷକ ଡ. ପ୍ରୀତିପ୍ରତିଭା ଭୋଳ ଯୋଗଦେଇ କର୍ମୀମାନଙ୍କୁ କର୍ମଶାଳାରେ ପ୍ରଶିକ୍ଷଣ କରାଇଥିଲେ। ଏହି ଭାବରେ ମୋଟ ୪ଗୋଟି ସତ୍ରରେ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ କମଳଲୋଚନ ଦାସ ମଞ୍ଚ ଆହ୍ୱାନ କରିଥିଲେ। ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ, ରାଷ୍ଟ୍ରୀୟ ବନ୍ଦନା ବନ୍ଦେ ମାତରଂ ସାମୁହିକ ଗାନ କରାଯାଇ ଥିଲା। ଆଗାମୀ ଦିନରେ ହେବାକୁ ଥିବା ବୁଥ୍ ସ୍ତରୀୟ ଉତ୍ତରଦାୟୀ କାର୍ଯ୍ୟକର୍ତ୍ତାଙ୍କୁ ନେଇ ପ୍ରଶିକ୍ଷଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି ସିପ୍ରା ବାଜପେୟୀ, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ଜଳେଶ୍ୱର ବିଜେପି ନେତା ବ୍ରଜମୋହନ ପ୍ରଧାନ, ବସ୍ତା ବିଜେପି ନେତା ରବିନ୍ଦ୍ର ନାଥ ଅଣ୍ଡିଆ, ଭୋଗରାଇ ବିଜେପି ନେତାଆଶିଷ ପାତ୍ର ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା କାଳିଚରଣ ଦାସ, ଫାଲ୍ଗୁନି ପାଣିଗ୍ରାହୀ, ଯୁବ ସଙ୍ଗଠକ ରାଜେଶ ଖଟୁଆ, ତାପସ ପାଣିଗ୍ରାହୀ ସମେତ ସାଂଗଠନିକ ବାଲେଶ୍ୱର ଜିଲ୍ଲାର ୧୯ ଟି ମଣ୍ଡଳର ସଭାପତି ଓ ପ୍ରମୁଖ ନେତୃବୃନ୍ଦ ଯୋଗଦାନ କରିଥିଲେ। ଶେଷରେ ସାଧାରଣ ସମ୍ପାଦକ କମଳ ଲୋଚନ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଶୋଭାରାମପୁରରେ ବାହାବଙ୍ଗା ଉତ୍ସବ

**ବାଲେଶ୍ୱର,୧।୩ (ସମିସ):** ପୌରାଞ୍ଚଳ ଅନ୍ତର୍ଗତ ୱାଡର୍ ୨୦ ଠାରେ ମାରାଂ ବୁରୁ ଜେହର ଗାଲ୍ ସେବା କମିଟି ଆନୁକୁଲ୍ୟରେ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ ବାହା ବଙ୍ଗା ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରକୃତି ସହଜଡ଼ିତ ଆଦିବାସୀ ସାନ୍ତାଳଙ୍କ ପବିତ୍ର ବାହା ବଂଗା ହେଉଛି ସୁଖ, ଶାନ୍ତି ଓ ସମୃଦ୍ଧିର ମହାପୂଜା। ଏହି ପୂଜାରେ ବାଲେଶ୍ୱର ଓ ପଡୋଶୀ ଜିଲ୍ଲାରୁ ବହୁ ସଂଖ୍ୟକ ସାନ୍ତାଳୀ ଲୋକ ମାନେ ସ୍ୱପରିବାର ସହ ଏହି ଉତ୍ସବ ରେ ଯୋଗଦାନ କରିଥାନ୍ତି ଏବଂ ସାନ୍ତାଳୀ ପାରମ୍ପରିକ ବାଦ୍ୟ ତାଳେ ତାଳେ ନାଚ ଗୀତରେ ଝୁମିଥାନ୍ତି। ଏହି ଉତ୍ସବରେ ୱାଡର୍ ନଂ ୨୦ କାଉନସିଲର ନିରୁପମା ଦାସ, କାଉନସିଲରଙ୍କ ପ୍ରତିନିଧି ସୈଳେନ୍ଦ୍ର ଦାସଙ୍କ ସମେତ ଫାଗୁ ହେମ୍ବ୍ରମ, ଶ୍ରୀଧର ମାରାଣ୍ଡି, ରାମ ମାରାଣ୍ଡି, ବୈଦ୍ୟନାଥ ମାହାଲି, ପ୍ରଦୀପ ମାରାଣ୍ଡି, ବାବୁଲି ମାଝୀ, ରୁହିଆ ଟୁଡୁ, ଶିବରାମ ମୁର୍ମୁ, କାମଦେବ ସୋରେନ, ସୁଦାମ ସୋରେନ, ଡମାନ୍ କିସ୍କୁ, ସୁନାରାମ ମୁର୍ମୁ, ରାଜୁ ସୋରେନ, କାର୍ତ୍ତିକ ସୋରେନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ସ୍ୱଧର୍ମକୁ ଫେରିଲେ ୭ ଆଦିବାସୀ ପରିବାର



**ଜଳେଶ୍ୱର,୧।୩ (ସମିସ) :** ଜଳେଶ୍ୱର ବ୍ଲକ ନେତୁଆ ଗ୍ରାମପଞ୍ଚାୟତ ଆଦିବାସୀ ସାହିର ଭକ୍ତାଇ ଟୁଡୁଙ୍କ ପରିବାର ୧୦ ବର୍ଷ ପୂର୍ବରୁ ସେମାନଙ୍କ ଧର୍ମ ପରିବର୍ତ୍ତନ କରି ଅନ୍ୟ ଏକ ଧର୍ମ ଗ୍ରହଣ କରିଥିଲେ। କେତେ ବର୍ଷ ଧରି ଏହି ପରିବାରକୁ ଗ୍ରାମବାସୀ ବୁଝାସୁଝା କରୁଥିବା ବେଳେ ସେମାନେ ନିଜ ମୂଳ ଧର୍ମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ସୁଜୟ କୁମାର କର, ପ୍ରାଣକୃଷ୍ଣ ପାତ୍ର, ଅମିତ କୁମାର ଜେନା, ଅଧୀର କର, ନନୀଗୋପାଳ ଦତ୍ତ,ପ୍ରଶାନ୍ତ ପାତ୍ର, ସରୋଜ ପାତ୍ର, ବିଜୟ ଖଣ୍ଡା, ରାମ୍ପା ମୁର୍ମୁ, ସପନ ମାରାଣ୍ଡି, ହେଦେ ମୁର୍ମୁଙ୍କ ଉପସ୍ଥିତିରେ ବଡ଼ାମ୍ ଠାକୁରାଣୀଙ୍କଠାରେ ଆଦିବାସୀ ପରମ୍ପରା ଓ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। ମୂଳ ଧର୍ମକୁ ଫେରିଥିବା ଏହି ୭ ଜଣିଆ ପରିବାରକୁ ଗ୍ରାମବାସୀ ନାଲି ଗାମୁଛା ଦେଇ ସ୍ୱାଗତ ଜଣାଇଥିଲେ। ପୂର୍ବରୁ ମଧ୍ୟ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ଏହି ସାହିର ୪ଟି ପରିବାର ନିଜ ମୂଳ ଧର୍ମକୁ ଫେରିଛନ୍ତି।

# ଜୀବନ ସଂଗ୍ରାମ ସାରସ୍ୱତ ଟ୍ରଷ୍ଟର ବାର୍ଷିକ ଉତ୍ସବ

**ବାଲେଶ୍ୱର,୧।୩(ସମିସ):** କୌଣସି ଗଣସଂଗ୍ରାମ କିମ୍ବା ସଂଗ୍ରାମୀର ତ୍ୟାଗପୂତ ଜୀବନ କେବେବି ବୃଥା ଯାଏନାହିଁ ବୋଲି 'ଜୀବନ ସଂଗ୍ରାମ ସାରସ୍ୱତ ଟ୍ରଷ୍ଟ'ର ପଂଚଦଶ ବାର୍ଷିକ ଉତ୍ସବ ଓ 'ଗଣନାଥ ରଚନାବଳୀ'ର ଉନ୍ମୋଚନ ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଡ. କାଳିପଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଗଣନାଥ ପାତ୍ରଙ୍କ ସହପାଠୀ ଡ. ଶ୍ରୀକାନ୍ତ ଚରଣ ପାତ୍ର,କବୟିତ୍ରୀ ତଥା ସ୍ୱର୍ଗତ ଗଣନାଥ ପାତ୍ରଙ୍କ ସହକର୍ମୀ ସୁଶ୍ରୀ ଭବାନୀ ଭୂୟାଁ, ସ୍ୱର୍ଗତ ପାତ୍ରଙ୍କ ପତ୍ନୀ ତଥା ପୁସ୍ତକର ଉନ୍ମୋଚିକା ଶେଫାଳି ଉପାଧ୍ୟାୟ,ପୁସ୍ତକର ସମୀକ୍ଷକ କବି ବିଜୟ ଉପାଧ୍ୟାୟ,ବିଜୟ ମିଶ୍ର ଓ ବାଲିଆପାଳ ଘାଟି ବିରୋଧୀ ଆନ୍ଦୋଳନର ତତକାଳୀନ ଛାତ୍ରନେତା ଅରୁଣ ଜେନା ଓ ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଙ୍ଗଠନର ରାଜ୍ୟ ସମ୍ପାଦକ ଦେବରଞ୍ଜନ ପ୍ରମୁଖ ଯୋଗଦେଇ ସେମାନଙ୍କ ବକ୍ତବ୍ୟରେ ସ୍ୱର୍ଗତ ବିପ୍ଳବୀ ଗଣନାଥ ପାତ୍ରଙ୍କ ଜୀବନାଦର୍ଶ ଓ ତାଙ୍କ ଲେଖାଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଟ୍ରଷ୍ଟର ମୁଖ୍ୟ ଡ. ହୃଷିକେଶ ସାହୁ, ଟ୍ରଷ୍ଟ ଗଠନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇ ଗତ ୧୫ବର୍ଷ ମଧ୍ୟରେ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ଗଣସଂଗ୍ରାମ ଓ ଜନ ଆନ୍ଦୋଳନ ଉପରେ ୧୫ଟି ଉପାଦେୟ ତଥା ଗବେଷଣାତ୍ମକ ପୁସ୍ତକ ପ୍ରକାଶ କରି ଓଡ଼ିଶାର ଜନବାଦୀ ସାହିତ୍ୟକୁ ଋଦ୍ଧିମନ୍ତ କରାଯାଇଛି ବୋଲି ମତବ୍ୟକ୍ତ କରିଥିଲେ। ଟ୍ରଷ୍ଟର ପ୍ରତିଷ୍ଠାତା ସଦସ୍ୟ ଗୌରାଙ୍ଗ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଅତିଥିମାନଙ୍କୁ ମଂଚକୁ ଆହ୍ୱାନ କରିଥିଲେ। ପ୍ରାରମ୍ଭରେ ଅରୂପ ଅଭିଷେକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଇଞ୍ଜିନିୟର କୁମାର କାର୍ତିକ ଧନ୍ୟବାଦ ଦେଇଥିଲେ।

# ମହୋତ୍ସବ ପ୍ରତିଭା ଚିହ୍ନାଏ; ଅତୀତର ଗୌରବ ଗାଥା କହେ

କାଳିପଦା, ୧।୩ (ସମିସ)



**ଖପରାପଦା ସାର୍ବଜନୀନ ମା' କାଳୀପୂଜା ଓ ଗ୍ରାମୀଣ ମେଳା**

ମହୋତ୍ସବ ଅନାଲୋଚିତ ପ୍ରତିଭାମାନଙ୍କୁ ଚିହ୍ନାଏ ଓ ଆଗକୁ ଯିବାକୁ ସୁଯୋଗ ସୃଷ୍ଟି କରେ। ଅତୀତର ପୂର୍ବ ପୁରୁଷଙ୍କ ଗାରିମାମୟ କଥାକୁ ଆଲୋଚନା ପରିସରକୁ ଆଣି ଥାଏ ଯାହା ଯୁବ ପିଢ଼ି ପାଇଁ ଅତ୍ୟନ୍ତ ପ୍ରେରଣା ଦାୟକ ହୋଇଥାଏ ବୋଲି ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଖପରାପଦା ସ୍ଥିତ ସାର୍ବଜନୀନ ମା କାଳୀ ପୂଜା ଓ ଗ୍ରାମୀଣ ମେଳର ଚତୁର୍ଥ ସନ୍ଧ୍ୟାର ସାନ୍ଧ୍ୟ ଅଧିବେଶନରେ ଅତିଥିମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଜାମଶୂଳୀ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ବିଜୟ କୁମାର ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବାଲିଆପାଳ ପଞ୍ଚାୟତ ସମିତିର ପୂର୍ବତନ ଚେୟାରମ୍ୟାନ ବିଜନ କୁମାର ନାୟକ ମୁଖ୍ୟ ଅତିଥି, ବାଲିଆପାଳ ଇତିହାସ ଲେଖକ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁଧାଂଶୁ କୁମାର ଜେନା, ଜିଲ୍ଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ, ଦେଉଳା ସରପଞ୍ଚ ସରୋଜ କୁମାର ପିଲା, ଯୁବ କଂଗ୍ରେସ ନେତା ତୀର୍ଥ କୁମାର ନାଗ, ସୁବାସ କୁମାର ନାୟକ,ବିଦ୍ୟାଧର ଦେ ପ୍ରମୁଖ ଯୋଗ ଦେଇ ଉଦବୋଧନ ପ୍ରଦାନ କରିଥିଲେ। ମେଳା କମିଟିର ସଭାପତି ଶୁଭେନ୍ଦୁ କୁମାର ଜେନା, ସଂକଳ୍ପ କୁମାର ଜେନା, ଗୋପ ନାରାୟଣ ଜେନା, ଚନ୍ଦନ କୁମାର ରାଜ, ଅନନ୍ତ କୁମାର ଦାସ, ରାଧା କୃଷ୍ଣ ଦାସ, ଜ୍ୟୋତି ସାଗର ବେହେରା, କମଳା କାନ୍ତ ଜେନା, ପ୍ରଶାନ୍ତ କୁମାର ବେହେରା, ବିକ୍ରମ ଜୀତ ପ୍ରଧାନ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ସଙ୍ଗୀତ ଗୁରୁ ଭୋଳାନାଥ ଗିରି ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇ ଥିଲା।ବରିଷ୍ଠ ସଦସ୍ୟ ପରମା ନନ୍ଦ ଜେନା ମଞ୍ଚ ଆବାହନ ଓ ଅତିଥି ପରିଚୟ କରିଥିଲେ। କମିଟିର ପ୍ରହ୍ଲାଦ ଚରଣ ଜେନା, ମହେଶ୍ୱର ପାତ୍ର, ପ୍ରବୋଧ କୁମାର ସାହୁ, ସ୍ୱଦେଶ କୁମାର ସାହୁ, ମାନସ କୁମାର ଦାସ, ଶ୍ରୀଧର ସାହୁ, ନିତ୍ୟାନନ୍ଦ ପାତ୍ର, କୁନା ପାତ୍ର, ବାନ୍ତ କୁମାର ଦେ, କବି କୁମାର ଦେ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସାମ୍ବାଦିକ ଗୋପ ନାରାୟଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଲୋଡି ପରିବେଷିତ ହୋଇଥିଲା।

